# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 October - 2024**

**News Editor : Tapan Kumar Moharana**

************************************

## ମୁଖ୍ୟ ସମ୍ବାଦ

- ଅବପାତର ରୂପ ନେଲା ସାମୁଦ୍ରିକ ଝଡ଼ 'ଦାନା'; ଆସନ୍ତା ଗୁରୁବାର ରାତିରେ ସ୍ଥଳଭାଗ ଛୁଇଁବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

— ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଜିଲ୍ଲାର ଗର୍ଭବତୀ ମହିଳା, ଶିଶୁ ଏବଂ ବୟସ୍କଙ୍କୁ ନିରାପଦ ସ୍ଥାନକୁ କରାଯାଉଛି ସ୍ଥାନାନ୍ତର

— ଖାଉଟିମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟିକ ସଂଘ ସହ ଆଲୋଚନା କରିବେ' ଖାଦ୍ୟ ଯୋଗାଣ ମନ୍ତ୍ରୀ

- ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ଜିଲ୍ଲାରେ ୧୭ ଏନ୍.ଡି.ଆର.ଏଫ୍. ଦଳ ମୁତୟନ

ଏବଂ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ ଦିନିଆ ଓଡ଼ିଶା ଗସ୍ତ ସ୍ଥଗିତ

# ସମ୍ଭାବ୍ୟ ବାତ୍ୟା-୧

ସାମୁଦ୍ରିକ ଝଡ଼ **'ଦାନା'** ଆଜି ଗଭୀର ଅବପାତରେ ପରିଣତ ହୋଇଛି। ଆସନ୍ତାକାଲି ସୁଦ୍ଧା ବାତ୍ୟାର ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । **ଦାନା**ର ଭୀଷଣତା ଓ ଗତିପଥ ନେଇ ବିଭିନ୍ନ ପାଣିପାଗ ମଡେଲ ପୂର୍ବାନୁମାନ କରିଛନ୍ତି । ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁସାରେ ଗୁରୁବାର ରାତି ସାଢ଼େ ୧୧ଟା ବେଳକୁ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିଲୋମିଟର ମଧ୍ୟରେ ରହିବ ବୋଲି ଅନୁମାନ କରାଯାଇଛି । ଏହାର ପ୍ରଭାବରେ ଗୁରୁବାର ଏବଂ ଶୁକ୍ରବାର ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅତିପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ମିଳିଥିବା ସୂଚନା ଅନୁସାରେ ବାତ୍ୟା ବାଙ୍ଗଲାଦେଶମୁହାଁ ହେବାର ସମ୍ଭାବନା ରହିଛି । ଓଡ଼ିଶାରେ ବାତ୍ୟାର ପ୍ରଭାବ ପଡ଼ିବା ନେଇ ବର୍ତ୍ତମାନ ସୁଦ୍ଧା ଆକଳନ କରାଯାଇ ନାହିଁ । ଅନ୍ୟପକ୍ଷରେ ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ଉପକୂଳ ଅଞ୍ଚଳ ଗୁଡ଼ିକରେ ଘୂର୍ଣ୍ଣିଝଡ଼ ଏବଂ ବାତ୍ୟାର ପ୍ରଭାବ ରହିପାରେ ।

# ବାତ୍ୟା ମୁକାବିଲା-ରାଜସ୍ୱ ମନ୍ତ୍ରୀ

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ତୃଣମୂଳ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗଣମାଧ୍ୟମକୁ

ପ୍ରତିକ୍ରିୟା ଦେଇ ମନ୍ତ୍ରୀ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ଆସନ୍ତାକାଲି ରାତି ସୁଦ୍ଧା ସ୍ଥାନାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ୨୫୦ଟି ରିଲିଫ୍ ସେଣ୍ଟର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ରିଲିଫ୍ ସେଣ୍ଟରଗୁଡ଼ିକରେ ସୁରକ୍ଷା ଯୋଗାଇ ଦେବା ପାଇଁ ପୁଲିସ ମୁତୟନ କରାଯାଇଛି। ଗର୍ଭବତୀ, ଶିଶୁ ଓ ବୟସ୍କମାନଙ୍କୁ ବାତ୍ୟା ପୂର୍ବରୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଛି। ସରକାରୀ ଆଶ୍ରୟସ୍ଥଳୀ ଛଡ଼ା ଆଉ ୫୦୦ଟି ଅସ୍ଥାୟୀ ଶିବିର ମଧ୍ୟ ପ୍ରସ୍ତୁତ କରାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଔଷଧ, ରନ୍ଧା ଓ ଶୁଖିଲା ଖାଦ୍ୟ ମହଜୁଦ ରଖାଯାଇଛି। ରାଜ୍ୟର ସବୁ ବନ୍ଦରରେ ୧ନଂ ବିପଦ ସଙ୍କେତ ଜାରି ହୋଇଛି।

## ବାତ୍ୟା–୩

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ଉପଖଣ୍ଡ ଓ ବ୍ଲକସ୍ତରରେ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ କୁହାଯାଇଛି । ସେହିଭଳି ବାତ୍ୟା ସମୟରେ ଗର୍ଭବତୀ ମହିଳା, ଶିଶୁ ଏବଂ ବୟସ୍କମାନଙ୍କୁ ଉପଯୁକ୍ତ ଧ୍ୟାନ ଦେବା ପାଇଁ କୁହାଯାଇଛି । ବିଭିନ୍ନ ସ୍ତରରେ ଡାକ୍ତରଖାନାଗୁଡ଼ିକରେ ପର୍ଯ୍ୟାପ୍ତ ଓଆର୍ଏସ୍, ଅତ୍ୟାବଶ୍ୟକ

ଔଷଧ ଏବଂ ସାପକାମୁଡ଼ା ଇଞ୍ଜେକସନ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପୁରୀକୁ ବାହାର ରାଜ୍ୟରୁ ଆସିଥିବା ପର୍ଯ୍ୟଟକମାନଙ୍କୁ ସତର୍କତାମୂଳକ ପଦକ୍ଷେପ  ନେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ କୁହାଯାଇଛି ।

# ବାତ୍ୟା – ଯୋଗାଣମନ୍ତ୍ରୀ

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି, ଖାଉଟି ସାମଗ୍ରୀର ଅଚାନକ ଦର ବୃଦ୍ଧି ସମ୍ପର୍କରେ ଅଭିଯୋଗ ଆସିବା ପରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଆଜି ଅପରାହ୍ଣ ୪ଟାରେ ବ୍ୟବସାୟୀମାନଙ୍କ ସହ ଏ ବିଷୟରେ ଆଲୋଚନା କରାଯିବା ପାଇଁ ଏକ ବୈଠକ ଡକାଯାଇଛି। ଅସାଧୁ ଉପାୟରେ ଅଧିକ ଦାମ୍‌ରେ ଖାଉଟି ସାମଗ୍ରୀଗୁଡ଼ିକୁ ବିକ୍ରି କରୁଥିବା ଅଭିଯୋଗ ଆସିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

# ବାତ୍ୟା–ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ସମ୍ଭାବ୍ୟା ବାତ୍ୟା 'ଦାନା'କୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପୂର୍ଣ୍ଣ ପ୍ରସ୍ତୁତ ଥିବା ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଔଷଧ ମହଜୁଦ୍ ସହ  ଆବଶ୍ୟକ କର୍ମଚାରୀ ପ୍ରସ୍ତୁତ

ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି । ଚିକିତ୍ସାଳୟଗୁଡ଼ିକରେ ୨୪ ଘଣ୍ଟିଆ ବିଜୁଳି ଓ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି । ସେହିପରି ଆଶ୍ରୟସ୍ଥଳ ଏବଂ ଅନ୍ୟ ନିରାପଦ ସ୍ଥାନଗୁଡ଼ିକରେ ରହିବାକୁ ଥିବା ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ରାଜ୍ୟ ଓ ବ୍ଲକ୍‌ସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯିବା ସହିତ ସେଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି । ଗର୍ଭବତୀ ମହିଳାମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇ ସେମାନଙ୍କୁ ସ୍ୱତନ୍ତ୍ର ଯତ୍ନ ନିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଛନ୍ତି ।

## ବାତ୍ୟା ପାଇଁ ଏନ୍.ଡି.ଆର.ଏଫ୍

ସମ୍ଭାବ୍ୟ ବାତ୍ୟା **‘ଦାନା’**ର ମୁକାବିଲା ପାଇଁ ମୁଣ୍ଡୁଳିସ୍ଥିତ ଏନ୍.ଡି.ଆର.ଏଫ୍ ପ୍ରସ୍ତୁତ ରହିଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସୂଚନା ଅନୁସାରେ, ମୁଣ୍ଡୁଳିସ୍ଥିତ ଏନ୍.ଡି.ଆର.ଏଫ୍. ୧୦ ଦଳ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ ପହଞ୍ଚିଛନ୍ତି । ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଜିଲ୍ଲାରେ ୧୭ଟି ଏନ୍.ଡି.ଆର.ଏଫ୍. ଦଳ ମୁତୟନ କରାଯାଇଥିବାବେଳେ ଜରୁରୀ ଆବଶ୍ୟକତା ପାଇଁ ୩ କମ୍ପାନୀ ଏନ୍.ଡି.ଆର.ଏଫ୍. ସଂରକ୍ଷିତ କରି ରଖାଯାଇଛି ।

ଅନ୍ୟପକ୍ଷରେ, ବାତ୍ୟାର ମୁକାବିଲା ପାଇଁ ଆଉ ୧୦ଟି କମ୍ପାନୀ ଏନ୍.ଡି.ଆର.ଏଫ୍ ଟିମ୍ ପଠାଇବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ଅନୁରୋଧ କରିଥିବା ଜଣାପଡିଛି ।

# ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥଗିତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ ଦିନିଆ ଓଡ଼ିଶା ଗସ୍ତକୁ ସ୍ଥଗିତ ରଖାଯାଇଛି । ରାଷ୍ଟ୍ରପତି ଭବନରୁ ଜାରି କରାଯାଇଥିବା ସୂଚନା ଅନୁସାରେ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ଥିଲା । ରାଷ୍ଟ୍ରପତି ବାଙ୍ଗିରୀପୋଷି, ଉପରବେଡ଼ା, ରାଇରଙ୍ଗପୁର, ପୁରୀ ଏବଂ ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା ।

## ବାତ୍ୟା ପ୍ରସ୍ତୁତି

**ନୟାଗଡ଼** ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାତ୍ୟା ପୂର୍ବ ଓ ପରବର୍ତ୍ତୀ ସମୟରେ ନୟାଗଡ଼ ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଜିଲ୍ଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ସ୍ଥିତି, ବାତ୍ୟା ପ୍ରବଣ ଅଞ୍ଚଳରୁ ଜନସାଧରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ଏବଂ ବାତ୍ୟା କ୍ଷୟକ୍ଷତି ଆକଳନ ସହ ଭିତ୍ତିଭୂମି ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ସମ୍ଭାବ୍ୟା ବାତ୍ୟାକୁ ଦୃଷ୍ଟିରେ ରଖି **ଭଦ୍ରକ** ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସମସ୍ତ ବିଡ଼ିଓ ଏବଂ ତହସିଲଦାରମାନଙ୍କୁ କ୍ଷେତ୍ର ସ୍ତରରେ ପୂର୍ଣ୍ଣପ୍ରସ୍ତୁତି ସହ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେବା, ଜିଲ୍ଲାରେ ଥିବା ୧୦୫ଟି ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଗୁଡ଼ିକୁ ପ୍ରସ୍ତୁତ କରି ରଖିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧପତ୍ର ମହଜୁଦ ରଖିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି।

## ବାତ୍ୟା-ଢେଙ୍କାନାଳ ଲକ୍ଷ୍ମୀପୂଜା

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଢେଙ୍କାନାଳରେ ଚାଲିଥିବା ଲକ୍ଷ୍ମୀପୂଜା ମହୋତ୍ସବକୁ ସଂକ୍ଷିପ୍ତ କରାଯାଇଛି। ଆସନ୍ତାକାଲି ସୁଦ୍ଧା ଲକ୍ଷ୍ମୀପୂଜା ପାଇଁ ହୋଇଥିବା ତୋରଣ ଓ ଲାଇଟ୍‌ଗେଟ୍‌ଗୁଡ଼ିକୁ ଖୋଲି ଦେବା ପାଇଁ ଜିଲ୍ଲାପାଳ ପୂଜା କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ବାହାରୁ ଆସିଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ନିଜନିଜ ସ୍ଥାନକୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୧୫ତମ ସଂସ୍କରଣ ହେବ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ୍ କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ମନ୍ କି ବାତ୍‌ର ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ କାର୍ଯ୍ୟକ୍ରମର ପ୍ରସାରଣ କରାଯିବ । ସେହିଦିନ ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ ।

# ଶିକ୍ଷାନବୀଶ ମେଳା

**ରାୟଗଡା** ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ଜାତୀୟ ପ୍ରଧାନମନ୍ତ୍ରୀ ଶିକ୍ଷାନବୀଶ ମେଳା ଜିଲ୍ଲା ଶିଳ୍ପକେନ୍ଦ୍ର ଜେନେରାଲ ମ୍ୟାନେଜର ବିଜୟ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି । ମେଳାରେ ଜିଲ୍ଲାର ଉତ୍କଳ ଆଲୁମିନା, ଜେକେ ପେପର, ଥେରୁବାଲି, ବେଦାନ୍ତ, ଟାଟା ପାୱାର ଭଳି ୮ଟି ସଂସ୍ଥା ଏବଂ ଆଇଟିଆଇ ଛାତ୍ରଛାତ୍ରୀମାନେ ଯୋଗ ଦେଇଛନ୍ତି ।

# ଢେଙ୍କାନାଳ ଲକ୍ଷ୍ମୀପୂଜା-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଢେଙ୍କାନାଳ ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ।

ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି, ଢେଙ୍କାନାଳର ଲକ୍ଷ୍ମୀପୂଜା ଓଡିଶା ସାଂସ୍କୃତିକ ଐତିହ୍ୟର ଅନନ୍ୟ ନିଦର୍ଶନ। ଏହି ପୂଜା ସାରା ଦେଶରେ ପ୍ରସିଦ୍ଧି ଅର୍ଜନ କରିଛି। ଢେଙ୍କାନାଳରେ ଚଳିତ ବର୍ଷ ୩୮ଟି ପୂଜା ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି।

## ଜାତୀୟ ଜଳ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରିବେ । ଜଳ ପୁରସ୍କାର ପାଇବାରେ ଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ନୂଆଦିଲ୍ଲୀର ବିଜ୍ଞାନଭବନରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏଥିରେ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜଳସମ୍ପଦ, ନଦୀ ଉନ୍ନୟନ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ ଶ୍ରେଷ୍ଠ ରାଜ୍ୟ, ଶ୍ରେଷ୍ଠ ଜିଲ୍ଲା, ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ, ଶ୍ରେଷ୍ଠ ସହରାଞ୍ଚଳ, ସ୍ଥାନୀୟ ସଂସ୍ଥା, ଶ୍ରେଷ୍ଠ ବିଦ୍ୟାଳୟ ଭଳି ୯ଟି ବର୍ଗର ଯୁଗ୍ମ ବିଜେତାଙ୍କ ସମେତ ୩୮ ଜଣ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

**********************************